ପିଲାମାନଙ୍କ ପାଇଁ ବାଇବଲ

ଉପହାର



ଯୁନସ ଏବଂ ବଡ଼ ଆକାରର ମାଛ

ଲେଖକ: Edward Hughes

ଦୃଷ୍ଟାନ୍ତ: Jonathan Hay

ଅନୁବାଦକ: Prasanta Bhuyan

ଉତ୍ସାହଯୋଜକ: Mary-Anne S.

କାହାଣି ୬୦ ରୁ ୨୬

www.M1914.org

Bible for Children, *PO Box 3, Winnipeg, MB R3C 2G1 Canada*

ଅନୁମତି ଗ୍ରନ୍ଥ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆଗ୍ରହୀଙ୍କର ଅଧିକାର ଅଛି.
ଯେଉଁ ଗ୍ରନ୍ଥର୍ଯନ୍ତ ଆଗ୍ରହୀ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଓଡ଼ିଆ

Oriya



1

2


ଯୁନସ ସଦାପ୍ରଭୁଙ୍କ ଅବାଧ୍ୟ ହେଲେ, ସେ ନୀନିବୀକୁ ଯିବା ବଦଳରେ, ଯାଫୋ ନଗରକୁ ଯାଇ ତର୍ଶୀଶକୁ ଯାଉଥିବା ଜାହାଜରେ ଚଢ଼ି ବିପରିତ ଦିଗରେ ଚାଲିଗଲେ ।
3


ସଦାପ୍ରଭୁ ସମୁଦ୍ରକୁ ପ୍ରଚଣ୍ଡ ବାୟୁ ପ୍ରେରଣ କଲେ । ତାହିଁରେ ସମୁଦ୍ର ଉପରେ ପ୍ରବଳ ତୋଫାନ ହେଲା ଯେ, ନାବିକମାନେ ଭାବିଲେ ଜାହାଜ ଭାଙ୍ଗି ବୁଡ଼ିଯାଇପାରେ ।
4


ଝଡ଼ ଅତ୍ୟଧିକ ତିବ୍ରତର ହେବାକୁ ଲାଗିଲା, ସେମାନେ ଭିତ ହୋଇ ଆପଣା ଆପଣା ଦେବତା ନିକଟରେ ପ୍ରାର୍ଥନା କଲେ । ପୁଣି ଜାହାଜରୁ ଥିବା ଦ୍ରବ୍ୟାଦି ସମୁଦ୍ରରେ ପକାଇଦେଲେ । କିନ୍ତୁ କିଛି ସୁଫଳ ହେଲା ନାହିଁ ।
5


ମାତ୍ର ଯୁନସ କେବଳ ଜଣେ ମାତ୍ର ଜାହାଜରେ ଥିଲେ ଯେ ପ୍ରାର୍ଥନା କରୁ ନ ଥିଲେ । ତାହା ବଦଳରେ, ସେ ଜାହାଜର ଅନ୍ତରସ୍ତ ଭାଗରେ ଶୟନ କରି ଘୋର ନିଦ୍ରାରେ ମଗ୍ନ ହୋଇଥିଲେ । ଜାହାଜର ଅଧ୍ୟକ୍ଷ ତାହାକୁ ପାଇଲେ । ତୁମେ କଅଣ କରୁଅଛ, ଶୋଇଅଛ, ଉଠ, ତୁମ୍ଭ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କର, କେଜାଣି ପରମେଶ୍ୱର ଆମ୍ଭମାନଙ୍କ ବିଷୟରେ ମନଯୋଗ କରିବେ ଓ ଆମ୍ଭେମାନେ ବିନଷ୍ଟ ନୋହିବା ।
6


ନାବିକମାନେ ଶିଘ୍ର ଜାଣିପାରିଲେ ଯେ ସେହି ଆଡ଼ୁଆ ଯୁନସଙ୍କ ନିମନ୍ତେ ହୋଇଅଛି । ସେ ସେମାନଙ୍କୁ କହିଲେ ମୁଁ ସଦାପ୍ରଭୁଙ୍କ ଛାମୁରୁ ପଳାଉଅଛି । ସେମାନେ ପଚାରିଲେ, ସମୁଦ୍ର ଯେପରି ଆମ୍ଭମାନଙ୍କ ପ୍ରତି ସୁସ୍ଥିର ହେବ, ଏଥିପାଇଁ ଆମ୍ଭେମାନେ ତୁମ୍ଭପ୍ରତି କଅଣ କରିବା? ଯୁନସ କହିଲେ, ମୋତେ ଧରି ସମୁଦ୍ରରେ ପକାଇଦିଅ ତାହିଁରେ ସମୁଦ୍ର ତୁମ୍ଭମାନଙ୍କ ପ୍ରତି ସୁସ୍ଥିର ହେବ । କାରଣ ମୋ ଶକାଶୁ ତୁମ୍ଭମାନଙ୍କ ଏହି ମହା ତୋଫାନ ଉପସ୍ଥିତ ହୋଇଅଛି ।
7


ନାବିକମାନେ ଯୁନସକୁ ସମୁଦ୍ରରେ ଫିଙ୍ଗିବାକୁ ଇଚ୍ଛା କଲେନାହିଁ ଓ କୂଳକୁ ଫେରି ଯିବାକୁ ବଡ଼ ଯତ୍ନରେ ଆହୁଲ୍ଲା ପକାଇଲେ ମାତ୍ର ସେମାନେ ପାରିଲେ ନାହିଁ । ସେମାନଙ୍କଠାରେ କେବଳ ମାତ୍ର ଗୋଟିଏ ଉପାୟ ବାକି ଥିଲା!
8

ସେମାନେ କ୍ଷମା
ପ୍ରାର୍ଥନା କଲାପରେ,
ନାବିକମାନେ
ଯୁନସଙ୍କୁ
ଧରି ସମୁଦ୍ରରେ
ପକାଇଦେଲେ ।
ଯେପରି ଯୁନସ
ଆହୁଲ୍ଲାରେ ଅଦୃଶ୍ୟ
ହୋଇଗଲେ, ସମୁଦ୍ର
ସୁସ୍ଥିର ହେଲା ଓ
ପବନ ଥମିଗଲା ।



ସେହି ଆକସ୍ମିକ
ପରିବର୍ତ୍ତନ
ସେମାନଙ୍କୁ
ଅତିଶୟ, ସେହି
ଝଡ଼ଠାରୁ ମଧ୍ୟ
ଅଧିକ ଭୟଭୀତ
କଲା । ନିଶ୍ଚିତରେ ସେମାନେ
ଜାଣିଥିବେ କେବଳ ସଦାପ୍ରଭୁ
ଏହିପ୍ରକାର କରିପାରନ୍ତି । ସେମାନେ
ସଦାପ୍ରଭୁଙ୍କୁ ଉପାସନା କଲେ ।



ସେହି ସମୟରେ, ସେହି ସଦାପ୍ରଭୁଙ୍କ
ବାକ୍ୟ ଅବଜ୍ଞାକାରୀ ଅତି ବିସ୍ମିତ
ହେଲେ । ଅସହାୟତାରେ ସେ
ଗଭିର ଜଳରେ ବୁଡ଼ିଯାଉଛନ୍ତି,
ଯୁନସ ଜାଣିଥିଲେ ମୃତ୍ୟୁରୁ
ତାଙ୍କୁ କେହି ମଧ୍ୟ ବଞ୍ଚାଇ
ପାରିବେ ନାହିଁ । ସେ
ବୁଡ଼ି ମରିଯାଇଥାଆନ୍ତେ
ମଧ୍ୟ, ମାତ୍ର ସଦାପ୍ରଭୁଙ୍କର
ଯୋଜନା ଅଲଗା ଥିଲା ।

ପୁଣି ଯୁନସଙ୍କୁ ଗିଳିବା ନିମନ୍ତେ ସଦାପ୍ରଭୁ ଏକ ବୃହତ୍ତ ମତ୍ସ୍ୟ ନିର୍ମାଣ
କଲେ । ମତ୍ସ୍ୟ ଯୁନସଙ୍କୁ ଲୋଭରେ ଗିଳିଲା ଓ ଯୁନସ ସମୁଦ୍ର ଜଳରୁ
ସିଧା ମତ୍ସ୍ୟ ଉଦରରେ ପହଞ୍ଚିଲେ, ପୁଣି ସେ ମତ୍ସ୍ୟ ଉଦରରେ
ତିନଦିନ ତିନି ରାତି ରହିଲେ । ତାଙ୍କ ପାଖରେ ଚିନ୍ତା କରିବା ଓ
ପ୍ରାର୍ଥନା କରିବକୁ ଅନେକ ସମୟ ଥିଲା ।



ତିନିଦିନ ପରେ, ଯୁନସ ପରିଶେଷରେ ସଦାପ୍ରଭୁଙ୍କୁ ବାଧ୍ୟ ହେବାକୁ ପ୍ରତିଜ୍ଞା କଲେ । ସଂଙ୍ଗ ସଂଙ୍ଗେ
ସଦାପ୍ରଭୁ ସେହି ମତ୍ସ୍ୟକୁ କଥା କହିଲେ, ଏବଂ ତାହା ଯୁନସଙ୍କୁ ସମୁଦ୍ର କୂଳରେ ଉଦ୍ଧାର କଲା ।



ପୁଣିଥରେ, ସଦାପ୍ରଭୁ ଯୁନସଙ୍କୁ ନୀନିବୀ ମହାନଗରକୁ ଯାଇ ସଦାପ୍ରଭୁଙ୍କ ବାକ୍ୟ ପ୍ରଚାର
କରିବାକୁ କହିଲେ । ଏହି ସମୟରେ ଯୁନସ ଗଲେ, ସେ ଜୋରକରି ପାଟି କରି ନଗର
ଭିତରକୁ ଗଲେ, ଚାଳିଶ ଦିନ ଭିତରେ ନୀନିବୀ ନଗର ଉତ୍ପାଟିତ ହେବ ।

ନୀନିବୀର ଲୋକମାନେ ସଦାପ୍ରଭୁଙ୍କ ବାକ୍ୟରେ ବିଶ୍ୱାସ କଲେ, ସେମାନେ ଯେ ନିଜ ପାପ ନିମନ୍ତେ ଦୁଃଖିତ ତାହା ସଦାପ୍ରଭୁଙ୍କୁ ଦେଖାଇବାକୁ ଉପବାସ ଘୋଷଣା କରି ବଡ଼ଠାରୁ ସାନ ପ୍ରଯ୍ୟନ୍ତ ସମସ୍ତେ ଚ଼ଟବସ୍ତ୍ର ପିନ୍ଧିଲେ ।

15

ରାଜାମଧ୍ୟ ସିଂହାସସନରୁ ଉହ୍ଲାଇ ଚ଼ଟବସ୍ତ୍ର ପିନ୍ଧି ଭସ୍ମରେ ବସିଲା । ସେ ନୀନିବୀର ସର୍ବତ୍ର ଏହିକଥା ଘୋଷଣା କରାଇଲା ସେମସ୍ତେ ଆପଣା ଆପଣା କୁ ପଥରୁ ଫେରନ୍ତୁ ଓ ସେମାନଙ୍କ ହସ୍ତସ୍ଥିତ ଦୌରାତ୍ମ୍ୟରୁ ବିମୁଖ ହୁଅନ୍ତୁ, ଏବଂ ପ୍ରାର୍ଥନା କରନ୍ତୁ, ଯେପରି ସଦାପ୍ରଭୁ ଆମ୍ଭମାନଙ୍କର ପାପ କ୍ଷମା କରିବେ ।

16

ସଦାପ୍ରଭୁ ସେମାନଙ୍କୁ କ୍ଷମା କଲେ, ସଦାପ୍ରଭୁ ଯେ ନୀନିବୀର ଲୋକମାନଙ୍କୁ କ୍ଷମା କରିଅଛନ୍ତି ତାହା ସେମାନଙ୍କ ନିମନ୍ତେ ଏକ ଅତି ଉତ୍କୃଷ୍ଟତର ଦିବସ ହେଇଥାଇପେରେ । ...ମାତ୍ର ଯୁନସ ଏଥିରେ ମହା ଅସନ୍ତୁଷ୍ଟ ଓ କ୍ରୋଧ ହେଲେ ।

17

ଯୁନସ ଜାହିଁକି କ୍ରୋଧ କଲେ, ସେ ସଦାପ୍ରଭୁଙ୍କୁ କହିଲା, କାରଣ ତୁମ୍ଭେ ଯେ କୃପାମୟ, ସ୍ନେହଶିଳ, କ୍ରୋଧରେ ଧିର, ଦୟାରେ ମହାନ ଓ ଅମଙ୍ଗଳର ବିଷୟରେ ଅନିଚ୍ଛୁକ ପରମେଶ୍ୱର ଅଟ ଏହା ମୁଁ ଜାଣିଲି ।



18

ଅନ୍ୟ ବାକ୍ୟରେ, ଯୁନସ ଜାଣିଥିଲେ ଯେଉଁମାନେ ନିଜର ପାପ ନିମନ୍ତେ ପଶ୍ଚାତାପ କରନ୍ତି, ସଦାପ୍ରଭୁ ସର୍ବଦା ସେମାନଙ୍କ ପାପ କ୍ଷମା କରିନ୍ତି । ଏଥିରେ ଏହା ପ୍ରମାଣିତ କରେ ଯେ ସେ ଯୁନସ ନୀନିବୀ ବୀସିଙ୍କୁ ପସନ୍ଦ କରୁ ନ ଥିଲେ । ସେ ଚ଼ାହୁଁ ନ ଥିଲେ ଯେ ସେମାନଙ୍କ ପାପ କ୍ଷମା କରାଯାଉ ।

19

ଯୁନସ ସଦାପ୍ରଭୁଙ୍କ ସହିତ ଅତ୍ୟଧିକ କ୍ରୋଧକଲେ ଓ କହିଲେ, ଏବେ ମୋ ପ୍ରାଣ ମୋ ଠାରୁ ନିଅ, କାରଣ ବଞ୍ଚିବା ଅପେକ୍ଷା ମୋର ମରିବା ଭଲ ।

20

ଯୁନସ ନଗର ବାହାରେ ଯାଇ ବସିଲେ, ପୁଣି ସଦାପ୍ରଭୁ କଅଣ କରିବାକୁ ଯାଉଅଛନ୍ତି ଏହା ଦେଖିବାକୁ ଜଗି ରହିଲେ । ତହିଁରେ ସଦାପ୍ରଭୁ ପରମେଶ୍ୱର ଗୋଟିଏ କଖାରୁ ଲତା ନିରୁପଣ କଲେ । ତାହା ଶିଘ୍ର ବଢ଼ିଲା, ଓ ଯୁନସଙ୍କୁ ଛାୟା ପ୍ରଦାନ କରି ଦିନର ଟାଣ ଖରାରୁ ତାହାକୁ ରକ୍ଷା କଲା ।

21

ତହିଁ ଆରଦିନ, ସଦାପ୍ରଭୁ ଏକ କୀଟ ନିରୁପଣ କଲେ, ଯାହା କଖାରୁ ଲତାକୁ କାଟିପକାଇଲା ତେଣୁ ତାହା ସୁଷ୍କ ହୋଇଗଲା । ପୁଣି ସୂର୍ଯ୍ୟୋଦୟ ସମୟରେ ପରମେଶ୍ୱର ପୂର୍ବେୟ ଝାଞ୍ଜିବାୟୁ ନିରୁପଣ କଲେ, ଯାହା ଯୁନସଙ୍କ ମସ୍ତକରେ ଏହିପରି ଖରା ଲାଗିଲା ଯେ ସେ କ୍ଳାନ୍ତହୋଇ ଭାବିଲେ ସେ ମରି ପାରନ୍ତି । ଏହିସମସ୍ତ ଯୁନସଙ୍କ ଅତ୍ୟଧିକ କ୍ରୋଧିତ କଲା ।

22

ସଦାପ୍ରଭୁ ଯୁନସଙ୍କୁ କହିଲେ, ତୁମେ କ୍ରୋଧ କରି କି ଭଲ କରିଅଛ, ଏହି କଖାରୁ ଲତାପ୍ରତି ତୁମର ଦୟା ହୋଇଅଛି, ତହିଁପାଇଁ ତୁମ୍ଭେ ପରିଶ୍ରମ କରିନାହଁ କିଅବା ତାହା ବଢ଼ାଇନାହଁ, ତାହା ଏକ ରାତ୍ରୀରେ ଉତ୍ପନ୍ନ ହେଲା ଓ ଏକ ରାତ୍ରୀରେ ବିନଷ୍ଟ ହେଲା ।



23

ତେବେ ସେହି ନୀନିବୀ ମହାନଗରକୁ ଓ ତହିଁ ମଧ୍ୟରେ ଥିବା ହଜାର ହଜାର ଲୋକ ଓ ପଶୁକୁ କି ଆମ୍ଭେ ଦୟା ନ କରିବା,



24

ଯୁନସ ଏବଂ ବଡ଼ ଆକାରର ମାଛ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯୁନସ

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଆଉ ତାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଈଶ୍ୱର ଆମ୍ଭମାନଙ୍କୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଈଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଈଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।